# ମନ୍ କୀ ବାତ୍

ଭାଗ 5



# MANN KI BAAT
## VOL.5

**Authors**
Sarda Mohan and Tanushree Banerji

**Illustrations and Cover Art**
Dilip Kadam

**Assistant Artist**
Ravindra Mokate

**Production**
Amar Chitra Katha

**Published by**
Amar Chitra Katha Pvt. Ltd

**ODIA**

ISBN – 978-81-19596-98-0

Amar Chitra Katha Pvt. Ltd, August 2023

© Ministry of Culture, Govt of India, August 2023
All rights reserved. This book is sold subject to the condition that the publication may not be reproduced, stored in a retrieval system (including but not limited to computers, disks, external drives, electronic or digital devices, e-readers, websites), or transmitted in any form or by any means (including but not limited to cyclostyling, photocopying, docutech or other reprographic reproductions, mechanical, recording, electronic, digital versions) without the prior written permission of the publisher, nor be otherwise circulated in any form of binding or cover other than that in which it is published and without a similar condition being imposed on the subsequent purchaser.

You can now get ACK stories as part of your classroom with **ACK Learn**, a unique learning platform that brings these stories to your school with a range of workshops. Find out more at **www.acklearn.com** or write to us at **acklearn@ack-media.com**.



ପ୍ରିୟ ଶିଶୁମାନେ,

ଆମ ଯୁବ ପିଢ଼ି ହାତରେ ରହିଛି ଏ ଦେଶ ଓ ଦୁନିଆର ଭବିଷ୍ୟତ । ଆମେ ପୃଥିବୀର ସବୁଠାରୁ ସୁଖୀ ଏବଂ ସମୃଦ୍ଧ ଦେଶ ଭାବରେ ଉଭା ହେବା କି ନାହିଁ, ତାହା ଆପଣମାନଙ୍କ ଉପରେ ନିର୍ଭର କରେ।

ଆମେ ଆମର ସର୍ବୋତ୍ତମ ଢଙ୍ଗରେ ଉଦ୍ୟମ କରିଛୁ, ଆମ ସମ୍ମୁଖରେ ବିଦ୍ୟମାନ ପିଢ଼ି ମଧ୍ୟ ସେମାନଙ୍କର ସର୍ବୋତ୍ତମ ପ୍ରୟାସ କରିଛନ୍ତି। ଆମେ ଭୁଲ ବି କରିଛୁ। ଆମର ଏହି ଉଦ୍ୟମରୁ ଏବଂ ତ୍ରୁଟିରୁ ଆପଣମାନଙ୍କୁ ଶିକ୍ଷା ନେବାକୁ ପଡ଼ିବ ଏବଂ ଭାରତ ପାଇଁ ସଠିକ୍ ମାର୍ଗ ନିରୂପଣ କରିବାକୁ ପଡ଼ିବ । ସେଥିପାଇଁ ମୁଁ ଆମର ସେହି ଯୁବକଯୁବତୀମାନଙ୍କର ଉଦାହରଣ ଉପସ୍ଥାପନ କରିବାକୁ ଚାହେଁ, ଯେଉଁମାନେ ଜୀବନର ମାନବୃଦ୍ଧି, ସଂସ୍କୃତିର ସଂରକ୍ଷଣ ଏବଂ ଆମର ହୃତଗୌରବର ପୁନରୁଦ୍ଧାର ସହିତ ଆଶା ଉଦ୍ରେକ କରାଇବା ଲାଗି ବହୁତ କିଛି କରିଛନ୍ତି।

'ମନ୍ କୀ ବାତ୍' ଚିତ୍ରକଥାର ପଞ୍ଚମ ସଂସ୍କରଣରେ ଆପଣମାନେ ସାଗର ମୁଲେଙ୍କ ବିଷୟରେ ପଢ଼ିବେ, ଯିଏ କି ପ୍ରାୟତଃ ବିଲୁପ୍ତ କୋଙ୍କଣ କଳା ଶୈଳୀ 'କାବୀ'କୁ ଜୀବନ୍ନ୍ୟାସ ଦେଇଛନ୍ତି ।

ଆପଣମାନେ ସେହି ପୂର୍ଣ୍ଣ ମାଲବତଙ୍କ ସଂଘର୍ଷ ଏବଂ ସଫଳତା ସଂପର୍କରେ ଅବଗତ ହେବେ, ଯେ କି 13 ବର୍ଷ ବୟସରେ, ପୃଥିବୀର ସର୍ବକନିଷ୍ଠା ବାଳିକା ଭାବରେ ଏଭରେଷ୍ଟ ପର୍ବତ ଶୃଙ୍ଗ ଆରୋହଣ କରିପାରିଛନ୍ତି।

ଆପଣମାନେ ସେହି ପଟାୟତ ସାହୁଙ୍କ  ସଂପର୍କରେ ଜାଣିବେ, ଯେ କି ଛଅ ବର୍ଷ ବୟସରୁ ହିଁ ତାଙ୍କ ଅଜାଙ୍କ ପଦଚିହ୍ନ ଅନୁସରଣ କରି ଔଷଧୀୟ ଗୁଳ୍ମଲତା ଏବଂ ସେଗୁଡ଼ିକର ଉପଯୋଗ ବଳରେ ଚିକିତ୍ସା ସଂପର୍କରେ ସବୁକିଛି ଶିଖି ପାରିଛନ୍ତି।

ଉତ୍ସୁକ ହୁଅନ୍ତୁ, ଶିଖିବାର ଇଚ୍ଛା ରଖନ୍ତୁ ଏବଂ ଆହ୍ୱାନର ସମ୍ମୁଖୀନ ହେବାକୁ ଭୟ କରନ୍ତୁ ନାହିଁ।

# ସୂଚୀପତ୍ର


| | | |
|---|---|---|
| 1 | ସାଗର ନାୟକ ମୁଲେ | 3 |
| 2 | ପଟାୟତ ସାହୁ | 6 |
| 3 | ଚନ୍ଦ୍ର କିଶୋର ପାଟିଲ | 9 |
| 4 | ଯତୀନ ଲଳିତ ସିଂହ | 11 |
| 5 | ରୋହନ କାଲେ | 14 |
| 6 | ଶ୍ୟାମ ସିଂହ ଏବଂ କୁୱଁର ସିଂହ | 17 |
| 7 | ଗୌତମ ଦାସ | 20 |
| 8 | ଅରୁଣ କ୍ରିଷ୍ଣମୂର୍ତ୍ତି | 22 |
| 9 | ପୂର୍ଣ୍ଣ ମାଲବତ | 25 |
| 10 | ବିକ୍ରମଜିତ ଚକମା | 28 |
| 11 | ମନୋଜ ବେଞ୍ଜୱାଲ | 30 |

# ସାଗର ନାୟକ ମୁଳେ




*ଗୋଆ, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରର ପଶ୍ଚିମ ତଟବର୍ତ୍ତୀ ଅଞ୍ଚଳ


ହାଇଦ୍ରାବାଦର ଏକ କଲେଜରେ ଚାରୁକଳା ଅଧ୍ୟୟନ ସମୟରେ -
ଆମ ଦେଶର ଅନେକ ଚିତ୍ରକଳା ଶୈଳୀ ଦ୍ରୁତଗତିରେ ବିଲୁପ୍ତ ହେବାରେ ଲାଗିଛି । ସେଥିରୁ ଗୋଟିଏ ହେଲା 'କାବୀ'।
ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିବା ପରେ ସାଗର 'କାବୀ' ସଂପର୍କରେ ଗବେଷଣା ଆରମ୍ଭ କଲେ।
ଏତେ ଆକର୍ଷଣୀୟ ଶୈଳୀ! ଯଦି ଏହା କେବଳ କାନ୍ଥରେ ସୀମିତ ହୋଇ ରହିଯାଏ, ତେବେ ଲୋକେ ଏହାକୁ କେମିତି ଦେଖିପାରିବେ ?
ଅଧିକରୁ ଅଧିକ ଲୋକେ ଦେଖିବା ସକାଶେ କାଗଜରେ କିମ୍ବା କ୍ୟାନଭାସରେ ଏହାର ପୁନର୍ବିନ୍ୟାସ ଆବଶ୍ୟକ ବୋଲି ସେ ହୃଦୟଙ୍ଗମ କଲେ ।
2020 ମସିହାରେ, ନବରାତ୍ରୀ ଉତ୍ସବର ଠିକ୍ ପୂର୍ବରୁ -
ଏହି ଉତ୍ସବ କୋଭିଡ୍-19 ଲକଡାଉନ୍ ଉତ୍ସବ ମଧ୍ୟଭାଗରେ ଆସିଛି । ହୁଏତ ମୁଁ ମୋ ଚିତ୍ରକଳା ମାଧ୍ୟମରେ କିଛିଟା ଉଲ୍ଲାସ ଖେଳାଇ ଦେଇପାରିବି ।
OCTOBER
କାଗଜ ଉପରେ 'କାବୀ' ଚିତ୍ରକଳା ସୃଷ୍ଟି ଆରମ୍ଭ କଲେ ସାଗର। ଏହାର ବିଷୟ ଥିଲା ଗୋଆର କୁଳଦେବୀ*
ଏହାର ଅଙ୍କନରେ ମୃତ୍ତିକାର ଉପଯୋଗ କରି, ମୁଁ ପ୍ରକୃତି ଓ ଭଗବାନଙ୍କୁ ସମ୍ମାନ ଜଣାଉଛି ।
ଯେତେବେଳେ ସେ ସାମାଜିକ ଗଣମାଧ୍ୟମରେ ତାଙ୍କ ଚିତ୍ରକଳା ପ୍ରକାଶ କଲେ, ଏହା ଖୁବ୍ ପ୍ରଶଂସିତ ହେଲା ।

*କୁଳଦେବୀଗଣ




*ବହୁ ଦେଶ ମଧ୍ୟରେ ଅର୍ଥନୈତିକ ସହଯୋଗ ନିମନ୍ତେ ସାମ୍ମୁଖ୍ୟ

# ପଟାୟତ ସାହୁ




*ଓଡ଼ିଶାର ଜିଲ୍ଲା
** ଓଡ଼ିଆରେ ଅଜା

^ପାରମ୍ପରିକ ଚିକିତ୍ସକ




* କଳାହାଣ୍ଡି ଜିଲ୍ଲାରେ ପାରମ୍ପରିକ ଚିକିତ୍ସକମାନଙ୍କର ଏକ ସଂଗଠନ

^ ଓଡ଼ିଆରେ ବାପା




*ଔଷଧୀୟ ଚେରମୂଳି
^ଶୁଖିଲା ଅଦା ସହିତ ଚେରମୂଳି ଗୁଣ୍ଡ

# ଚନ୍ଦ୍ର କିଶୋର ପାଟିଲ




*ଗୋଦାବରୀ ନଦୀର ଏକ ଶାଖାନଦୀ
^ ହିନ୍ଦୁମାନଙ୍କର ପର୍ବ

**ଗୁଡ଼ି ଉଡ଼ାରେ ବ୍ୟବହୃତ କାଚଗୁଣ୍ଡର ଆସ୍ତରଣବିଶିଷ୍ଟ ସୂତା




*ହିନ୍ଦୀରେ ଭାଇ

^ହିନ୍ଦୁମାନଙ୍କର ପର୍ବ

# ଯତୀନ ଲଳିତ ସିଂହ




*ଉତ୍ତର ପ୍ରଦେଶର ଏକ ଜିଲ୍ଲା
^ହିନ୍ଦୀରେ ଭାଇ


କେନ୍ଦ୍ର ନିର୍ମାଣ କରାଯାଉଥିବା ସମୟରେ ଯତୀନ ଓ ତାଙ୍କ ସାଙ୍ଗମାନେ ଗୋଟିଏ ବହି ସଂଗ୍ରହ ଅଭିଯାନ ଆରମ୍ଭ କଲେ । କିଛି ସପ୍ତାହ ପରେ -
ଆମ ପାଖରେ ଏବେ ହିନ୍ଦୀ ଓ ଇଂରାଜୀ ସାହିତ୍ୟ ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ସଂପର୍କିତ 100ରୁ ଅଧିକ ବହି ଅଛି ।
ସମସ୍ତଙ୍କର କାମଅତି ଚମତ୍କାର! ଚାଲନ୍ତୁ, ଆମେ ଏହି ବାର୍ତ୍ତା ଚାରିଆଡ଼େ ଖେଳାଇ ଦେଉଥିବା ।
2020 ନଭେମ୍ବରରେ -
ବଂସା ଗୋଷ୍ଠୀ ପାଠାଗାର ଏବଂ ସାଧନ କେନ୍ଦ୍ରକୁ ସ୍ୱାଗତ । ଏଠିକା ପାଠାଗାରରେ ପଢ଼ିବାକୁ ଦେୟ ଦେବାକୁ ପଡ଼େନାହିଁ ଏବଂ ବହି ଫେରସ୍ତରେ ବିଳମ୍ବ ହେଲେ ଜୋରିମାନା ଦେବାକୁ ପଡ଼େନାହିଁ ।
RY & RESOURCE CENTRE
ଖୁବ୍ ଭଲ କଥା !
ପାଠାଗାରକୁ ଆସିବା ଦିଗରେ ଲୋକଙ୍କୁ ଉତ୍ସାହିତ କରିବା ଲାଗି ଦଳେ ଛାସେବୀ ଘୂରି ବୁଲିଲେ ।
ପିଲା ଓ ଯୁବ ବର୍ଗ ସହିତ ମହିଳାମାନେ ବି ପାଠାଗାରକୁ ଆସିବା ଆରମ୍ଭ କଲେ ।
ମୋ ସ୍କୁଲ ଜୀବନ ପରେ ମୁଁ କୌଣସି ବହି ପଢ଼ିନାହିଁ । ଏଠାରେ ଏତେ ବେଶୀ ବହି ଅଛି ।
ଏମିତି କି ଥରକରେ ଆମେ ସମସ୍ତେ ମିଳିମିଶି ପଢ଼ିବାକୁ ଆସି ପାରିବା ।
2021 ମାର୍ଚ୍ଚରେ,ବିଶ୍ୱ ସ୍ୱେଚ୍ଛାସେବୀ ମହାମାରୀର ଦ୍ୱିତୀୟ ଲହର ସମୟରେ ଯତୀନ 'ଗ୍ରାମ୍ୟ କୋଭିଡ୍ ସହାୟତା କାର୍ଯ୍ୟ' ଶୀର୍ଷକ ଏକ ପ୍ରଚାର ଅଭିଯାନ ଆରମ୍ଭ କଲେ ।
ଆମେ ଏଠାରେ ଆଜି ଆପଣଙ୍କର ତାପମାନ ଏବଂ ଅକସିଜେନ୍ ସ୍ତର ପରୀକ୍ଷା କରିବାକୁ ଆସିଛୁ । ଆପଣ କେମିତି ଅଛନ୍ତି ?
ମୋ ସ୍ୱାମୀ ତାଙ୍କ ଚାକିରି ହରାଇଲେ । ଆମ ପାଇଁ ଏବେ ଖାଇବା ଜିନିଷ, କିମ୍ବା ଓଷଧ କିଣିବା ବି କଷ୍ଟକର ହୋଇପଡ଼ିଛି।
ଆପଣ ଏକା ନାହାନ୍ତି, ଆପଣଙ୍କ ପାଇଁ ଏଠି ପୂରା ଗୋଷ୍ଠୀ ରହିଛି । ଆମେ ଆପଣଙ୍କୁ ଖାଉଟି ସାମଗ୍ରୀର ଏକ ବ୍ୟାଗ୍ ଦେବୁ ଏବଂ ଆପଣଙ୍କ ସ୍ୱାସ୍ଥ୍ୟସେବା ବାବଦ ଖର୍ଚ୍ଚ ତୁଲାଇବାରେ ମଧ୍ୟ ସାହାଯ୍ୟ କରିବୁ ।
ମୁଁ ଆପଣଙ୍କ ପାଖରେ କୃତଜ୍ଞ !
ଯତୀନ ଏବଂ ତାଙ୍କ ଟିମ୍ ପାଣ୍ଠି ସଂଗ୍ରହ କଲେ ଏବଂ ବଂସା ଏବଂ ଏହାର ଆଖପାଖ ଅଞ୍ଚଳର 11,000 ଲୋକଙ୍କୁ ସହାୟତା ଦେଲେ । କୋଭିଡ୍ ଟିକାନେବା ପାଇଁ ମଧ୍ୟ ସେମାନେ ଗାଁ ଲୋକଙ୍କୁ ସାହାଯ୍ୟ କଲେ ।



ଅନେକ ମାସ ପରେ, ଯେତେବେଳେ ସ୍ୱାଭାବିକ ପରିସ୍ଥିତି ଫେରି ଆସିଲା-
ବିଶ୍ୱ ମହାମାରୀ ସମୟରେ ଆପଣମାନଙ୍କର ସମସ୍ତ ପ୍ରୟାସ ନିମନ୍ତେ ଧନ୍ୟବାଦ । ଏବେ, ଆମେ ବଂସା ବାହାରେ ମଧ୍ୟ ବହିପଢ଼ାର ଆବୃତ୍ତି ବଢ଼ାଇବାର ବାଟ ଖୋଜିବା ଉଚିତ ।
ଆସନ୍ତୁ, ପିଲାମାନଙ୍କ ମଧ୍ୟରେ ବହିପଢ଼ା ପ୍ରତି ଆଦର ଜନ୍ମାଇବା ଲାଗି ବିଭିନ୍ନ ସ୍କୁଲରେ ଆମେ ପଠନ କର୍ମଶାଳାର ଆୟୋଜନ କରିବା ।
ଯତୀନ ଏବଂ ତାଙ୍କ ଟିମ୍ ହାରଦୋଇ ଜିଲ୍ଲା ସାରା ବୁଲି ବୁଲି ବିଭିନ୍ନ ସ୍କୁଲରେ କର୍ମଶାଳା ଆୟୋଜନ କଲେ ।
ଯତୀନ ଭୈୟା, ଆପଣ ଆମକୁ ଯେଉଁ ବହି ସବୁ ପଢ଼ାଇଲେ ସେସବୁ ଚମତ୍କାର । ଆମେ ପାଠାଗାରରୁ ଆଉ ଅଧିକ ବହି ପାଇପାରିବୁ କି ?
ଆମେ ଗୋଟିଏ ପୁସ୍ତକ କ୍ଲବ୍ ଆରମ୍ଭ କରିପାରିବୁ କି, ଯାହା ଫଳରେ ଆମେ ସବୁ ସପ୍ତାହରେ ଏକାଠି ହୋଇ ଆମମାନଙ୍କର ପ୍ରିୟ ବହି ସଂପର୍କରେ ଆଲୋଚନା କରିପାରିବୁ ?
ବିଲକୁଲ୍ ! ଆମେ ତୁମମାନଙ୍କୁ ସାହାଯ୍ୟ କରିବୁ ।
2022 ସୁଦ୍ଧା, ଯତୀନ ଓ ତାଙ୍କ ଟିମ୍ 36ଟି ଗାଁର ଲୋକଙ୍କୁ ପଠନ ସାମଗ୍ରୀ ଯୋଗାଇବାରେ ସମର୍ଥ ହୋଇଥିଲେ । ସଂପ୍ରତି ଏହି ଗୋଷ୍ଠୀ ପାଠାଗାରରେ 3,000ରୁ ଅଧିକ ବହି ଅଛି ।
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଯତୀନଙ୍କର ଏହି ଉଦ୍ୟମ ପ୍ରଶଂସିତ ହୋଇଥିଲା ।
ଶିକ୍ଷା କ୍ଷେତ୍ରରେ ପ୍ରଜ୍ଜ୍ୱଳିତ ଛୋଟିଆ ଦୀପଟିଏ ମଧ୍ୟ ସାରା ସମାଜକୁ ଆଲୋକିତ କରିପାରିବ । ବଂସା ଗାଁର ଯତୀନ ଲଳିତ ସିଂହ ମହୋଦୟ ଶିକ୍ଷାର ଶିଖାକୁ ପ୍ରଜ୍ଜ୍ୱଳିତ କରିବାରେ ଲାଗିଛନ୍ତି ।
ଏହି ପ୍ରଶଂସାରେ କୃତକୃତ୍ୟ ଯତୀନ, ସମାଜ କଲ୍ୟାଣ ଦିଗରେ ନିଜ ଉଦ୍ୟମକୁ ଦ୍ୱିଗୁଣିତ କରିବାକୁ ଚାହାଁନ୍ତି ।
ଭବିଷ୍ୟତରେ ବଂସାକୁ ଏଭଳି ଏକ ଆଦର୍ଶ ଗ୍ରାମରେ ପରିଣତ କରିବାକୁ ମୁଁ ଲକ୍ଷ୍ୟ ରଖିଛି, ଯେଉଁଠି ଜନସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟରକ୍ଷାକୁ ଅଗ୍ରାଧିକାର ଦିଆଯାଉଥିବ ।

# ରୋହନ କାଲେ




*ଭୂମିରୁ ତଳକୁ ତଳ କରି ଭୂତଳ ଜଳସ୍ତର ପର୍ଯ୍ୟନ୍ତ ପାହାଚ ଲମ୍ବିଯାଇଥିବା କୂଅ କିମ୍ବା ପୋଖରୀ
^16ଶ ଶତାବ୍ଦୀରେ ପଞ୍ଜାବର ଗଭର୍ଣ୍ଣର


ରୋହନ ଆଉ ଅଧିକ ସୋପାନକୂପ ବୁଲି ଦେଖିଲେ ଏବଂ ମହାରାଷ୍ଟ୍ରର ସୋପାନକୂପ ବିଷୟରେ ଚିନ୍ତାମଗ୍ନ ହୋଇପଡ଼ିଲେ ।
ଏଭଳି ଚିତ୍ତାକର୍ଷକ ଢଙ୍ଗରେ ନିର୍ମାଣ । ମୋ ନିଜ ରାଜ୍ୟରେ ଏମିତି ନିର୍ମାଣ ଦେଖିନାହିଁ ବୋଲି ମୁଁ ବିଶ୍ୱାସ କରିପାରୁନାହିଁ ।
ଏହି ଚିନ୍ତାଧାରା ଏକ ପରିକଳ୍ପନାର ରୂପ ନେଲା ଏବଂ ପରିଶେଷରେ, 2020 ମସିହାରେ -
ମୁଁ ମୋ ଚାକିରି ଛାଡ଼ିବାକୁ ଯାଉଛି ।
କାହିଁକି ? ତା'ହେଲେ ଆପଣ କ'ଣ କରିବେ ?
ମୁଁ ମହାରାଷ୍ଟ୍ରର ସୋପାନକୂପ ସବୁ ବୁଲି ଦେଖିବାକୁ ଯାଉଛି ।
ସାଙ୍ଗରେ ନିଜର କେତେକ ଜିନିଷପତ୍ର ଧରି ମୋଟର ସାଇକେଲରେ ଗୋଟିଏ ଜିଲ୍ଲାରୁ ଆଉ ଗୋଟିଏ ଜିଲ୍ଲାକୁ ଘୁରି ବୁଲିଲେ ରୋହନ, ସୋପାନକୂପ ଦେଖି ଦେଖି...
ଏହା ବି ଜରାଜୀର୍ଣ୍ଣ ଅବସ୍ଥାରେ।
... ଏବଂ ମାନଚିତ୍ରରେ ସେଗୁଡ଼ିକୁ ସଯତ୍ନେ ଚିହ୍ନିତ କରି ଚାଲିଲେ ।
ପରବର୍ତ୍ତୀ କେଇ ମାସ ଭିତରେ ସେ ମହାରାଷ୍ଟ୍ରର 400ରୁ ଅଧିକ ସୋପାନକୂପ ବୁଲି ଦେଖିଲେ ।
ମହାରାଷ୍ଟ୍ରରେ ଥିବା ପ୍ରାୟ ଅଶୀ ପ୍ରତିଶତ ସୋପାନକୂପ ଖୁବ୍ ଖରାପ ଅବସ୍ଥାରେ ରହିଛି। ମୋତେ ଏ ସଂପର୍କରେ କିଛି ନା କିଛି କରିବାକୁ ପଡ଼ିବ ।
ରୋହନ ମହାରାଷ୍ଟ୍ର ସୋପାନକୂପ ଅଭିଯାନ ଆରମ୍ଭ କଲେ ଏବଂ ଅଳ୍ପ କେତେକ ସ୍ୱେଚ୍ଛାସେବୀଙ୍କ ସହିତ କାମ ଆରମ୍ଭ କଲେ ।
ମୁଁ ଶୁଣିଲି ଆପଣ ଏହି ସୋପାନକୂପ ସଫା କରିବାକୁ ଆସିଛନ୍ତି । ଏହା କ'ଣ ସତ ?
ହଁ, ଆପଣ ଜାଣନ୍ତି କି ଏହାକୁ ପ୍ରାୟ 800 ବର୍ଷ ତଳେ ନିର୍ମାଣ କରାଯାଇଥିଲା ? ଥରେ ସଫା ହୋଇଗଲେ, ଏହାକୁ ସାରା ସହର ପାଇଁ ପାଣି ସଞ୍ଚି ରଖିବାକୁ ବ୍ୟବହାର କରାଯାଇପାରିବ ।


ଆପଣ ଠିକ୍ କାମ କରୁଛନ୍ତି। ଆମେ ଆପଣଙ୍କ ସହିତ ଯୋଗ ଦେବୁ ।
ଆମେ ଏହି ସବୁ ସୋପାନକୂପ ନିକଟରେ ଦୀପ ଜାଳିବା ଏବଂ ଉତ୍ସବ ପାଳନ କରିବା ଭଳିଆମର ପୁରୁଣା ପରମ୍ପରାର ମଧ୍ୟ ପୁନରୁଦ୍ଧାର କରିବା ଉଚିତ ।
ଅଧିକ ଲୋକ ଯୋଗ ଦେବା ସହିତ ଏହି କାମ ଦ୍ରୁତ ଗତିରେ ଆଗେଇବାରେ ଲାଗିଲା ।
ଏ ପର୍ଯ୍ୟନ୍ତ ତାଙ୍କର ଏହି ପ୍ରକଳ୍ପରେ ରୋହନ 1.5 ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି ଏବଂ ମହାରାଷ୍ଟ୍ରରେ ଥିବା 1650ରୁ ଅଧିକ ସୋପାନକୂପ ଚିହ୍ନଟ ପାଇଁ 14,000 କି.ମି. ଯାତ୍ରା କରିଛନ୍ତି ।
ଆପଣ ଗୋଟିଏ ଚମତ୍କାର କାମ କରିଛନ୍ତି, ରୋହନ ।
କେବଳ ଚିହ୍ନଟ କରିଦେବା ଯଥେଷ୍ଟ ନୁହେଁ । ଅଧିକରୁ ଅଧିକ ସୋପାନକୂପର ପୁନରୁଦ୍ଧାର ସହିତ ଲୋକେ ସେ ସଂପର୍କରେ ଜାଣିବା ଉଚିତ । ମୋ ପାଖରେ ଗୋଟିଏ ଯୋଜନା ଅଛି ।
ରୋହନ ମହାରାଷ୍ଟ୍ର ପର୍ଯ୍ୟଟନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡକ୍ଟର ଧନଞ୍ଜୟ ସାୱଲକରଙ୍କୁ ସାକ୍ଷାତ କଲେ ।
ସାର୍, ଦୟାକରି ମହାରାଷ୍ଟ୍ରର ପର୍ଯ୍ୟଟନ ୱେବସାଇଟରେ ସୋପାନକୂପ ଉପରେ ଏକ ବିଭାଗକୁ ସାମିଲ କରନ୍ତୁ। ଆମେ ସେଗୁଡ଼ିକର ପୁନରୁଦ୍ଧାର କରିଛୁ ଏବଂ ସେଗୁଡ଼ିକର ଇତିହାସ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବ ।
ହଁ... ଭଲ ଚିନ୍ତାଧାରା ।
2022ର ବିଶ୍ୱ ପର୍ଯ୍ୟଟନ ଦିବସରେ, ମହାରାଷ୍ଟ୍ରର ପର୍ଯ୍ୟଟନ ୱେବସାଇଟରେ ସୋପାନକୂପ ଉପରେ ଏକ ବିଭାଗକୁ ସାମିଲ କରାଗଲା।
2022 ମାର୍ଚ୍ଚ 1 ତାରିଖ ଦିନ ଶିବରାତ୍ରୀ ଉତ୍ସବ ପାଳନ ଅବସରରେ -
କି ଚମତ୍କାର ଦୃଶ୍ୟ !
ମୋତେ ଲାଗୁଛି ପରିଶେଷରେ ମୋର ସବୁ ପ୍ରୟାସ ଫଳପ୍ରଦ ହେଉଛି ।
ଏହି ଉତ୍ସବ ପାଇଁ 160ଟି ସୋପାନକୂପକୁ ପରିଷ୍କାର କରାଯିବା ସହିତ ଆଲୋକିତ କରାଯାଇଥିଲା ।
ଏହି ସବୁ ସୋପାନକୂପ ସଂପର୍କିତ ତଥ୍ୟାବଳୀକୁ ଦଲିଲଭୁକ୍ତ କରିବା ଦିଗରେ ରୋହନ ବିଭିନ୍ନ ସ୍ଥାପତ୍ୟ କଲେଜକୁ ସହଯୋଗ କରୁଛନ୍ତି ।
ଆମେ ଡ୍ରୋନ୍ କ୍ୟାମେରା ଜରିଆରେ ଏହାର ଦୃଶ୍ୟ ପାଇବାକୁ ଯାଉଛୁ । ଯଦି ସବୁ ସୋପାନକୂପର ପୁନରୁଦ୍ଧାର କରାଯାଇପାରିବ, ତେବେ ଏହା ଜଳ ସଂରକ୍ଷଣ ଦିଗରେ ଏକ ବୃହତ୍ ପଦକ୍ଷେପ ହେବ । ଆଗକୁ ଆମେ ଏକ ମରୁଡ଼ିମୁକ୍ତ ମହାରାଷ୍ଟ୍ରର ପରିକଳ୍ପନା କରିପାରିବା ।

# ଶ୍ୟାମ ସିଂହ ଏବଂ କୁଓଁର ସିଂହ




*ଉତ୍ତର ପ୍ରଦେଶର ଆଗ୍ରା ଜିଲ୍ଲାରେ ଏକ ଗାଁ




*ହିନ୍ଦୀରେ ଭାଇ
^ମୁଖିଆ

**ଫୁଟପାଥ/ଇଟାରେ ତିଆରି ରାସ୍ତା
^^ଭୂମି ତଳେ ଜମା ହୋଇଥିବା ପାଣି


ପାଞ୍ଚ କିଲୋମିଟର ଦୂରରେ ଥିବା ବସ୍ତାଇ* କେନାଲ । ଭାଇ ଦୁହେଁ ଏହାକୁ ହିଁ ମଧୁର ଜଳର ଉତ୍ସ ରୂପେ ପସନ୍ଦ କଲେ...
... ଏହାର ଚାରିପଟେ ଥିବା ଜମିକୁ ପାଞ୍ଚ ଲକ୍ଷ ଟଙ୍କାରେ କିଣିଲେ ....
.... ଏବଂ 2018 ଅଗଷ୍ଟ ମାସରେ ଏହି ପାଞ୍ଚ କିଲୋମିଟର ଲମ୍ବା ପାଇପଲାଇନ୍ ତିଆରି ଆରମ୍ଭ କଲେ ।
ପାଇପଲାଇନ୍ ବାବଦରେ ଭାଇ ଦୁହେଁ 27 ଲକ୍ଷ ଟଙ୍କା ଖର୍ଚ୍ଚ କଲେ ।
ଶେଷରେ 2020ରେ ପାଇପଲାଇନ୍ ତିଆରି ସରିଲା ।
ଏଇଠି ଅଛି ପାଣି ! ହୋ ଓ..ଓ !!
ଏବେ ଯାଇ ତ୍ରାହି ମିଳିଲା ! ଭଗବାନ କୁଓଁର ସିଂହ ଓ ଶ୍ୟାମ ସିଂହଙ୍କୁ ଆଶୀର୍ବାଦ ଦିଅନ୍ତୁ !
ଗାଁର 1,200ରୁ ଅଧିକ ପରିବାର ମଧୁର ପାଣି ପାଇଲେ । ଖୁବ୍ ଶୀଘ୍ର, କୁଓଁର ସିଂହ ପ୍ରଧାନ ରୂପେ ନିର୍ବାଚିତ ହେଲେ ।
ଦୁଇ ଭାଇଙ୍କ ନିଃସ୍ୱାର୍ଥପର ଅବଦାନ ଯୋଗୁଁ କଚୋରାକୁ ମାନଚିତ୍ରରେ ସ୍ଥାନ ମିଳିଲା । ଦିନେ ସକାଳେ, ଦୁଇ ଭାଇଙ୍କୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଫୋନ୍ କଲ୍ ମିଳିଲା ।
ଶ୍ୟାମ ସିଂହ ଜୀ ଏବଂ କୁଓଁର ସିଂହ ଜୀ, ମୁଁ ନରେନ୍ଦ୍ର ମୋଦି କହୁଛି । କଚୋରା ପ୍ରତି ଆପଣମାନଙ୍କର ଅନୁକରଣୀୟ ଅବଦାନ ଲାଗି ଆମେ ଗର୍ବିତ ।
ଧନ୍ୟବାଦ ସାର୍ !
ଏହା ଏକ ଆଶ୍ଚର୍ଯ୍ୟଜନକ ଏବଂ ସଂପୂର୍ଣ୍ଣ ସମ୍ମାନ !
ଏହା ଏକ ସଂକ୍ଷିପ୍ତ ବାର୍ତ୍ତାଳାପ ଥିଲା ସତ, କିନ୍ତୁ ଏଥିରେ ଦୁଇ ଭାଇ ଆନନ୍ଦିତ ହୋଇଥିଲେ ।
ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାଗ ନେବା ଲାଗି ଉଭୟଙ୍କୁ ଦିଲ୍ଲୀକୁ ନିମନ୍ତ୍ରଣ କରାଗଲା ଏବଂ ସିଧା ପ୍ରସାରଣରେ ସେମାନଙ୍କ ଅବଦାନକୁ ସ୍ୱୀକାର କଲେ ପ୍ରଧାନ ମନ୍ତ୍ରୀ ମୋଦି ।
ସମାଜରେ ଏକ ପରିବର୍ତ୍ତନ ଆଣିବା ଲାଗି ଖୁବ୍ ଅଧିକସଂଖ୍ୟକ ଲୋକଙ୍କର ଆବଶ୍ୟକତା ନାହିଁ ବୋଲି ସିଂହ ଭ୍ରାତାଦ୍ୱୟ ପ୍ରମାଣିତ କରିଛନ୍ତି ।

*ନିକଟବର୍ତ୍ତୀ ଏକ ଗାଁ

# ଗୌତମ ଦାସ




*ତ୍ରିପୁରାର ରାଜଧାନୀ ନଗରୀ


କିଛି ସପ୍ତାହ ପରେ, ସମଗ୍ର ଦେଶରେ ଲକଡାଉନ୍ ଘୋଷଣା କରାଗଲା।
ବିନା କାମରେ ଦୁଇ ସପ୍ତାହରୁ ଅଧିକ ହେଲାଣି । ଭଗବାନଙ୍କୁ ଧନ୍ୟବାଦ ଯେ, ମୋ ପାଖରେ କିଛି ସଞ୍ଚିତ ଅର୍ଥ ଅଛି । ତା' ନହେଲେ ମୁଁ ବଞ୍ଚି ରହିବାକୁ ସକ୍ଷମ ହୋଇ ନଥାଆନ୍ତି ।
ଦୁଃଖର କଥା ଯେ, ବାବୁ ସେତେ ବେଶୀ ଟଙ୍କା ସଞ୍ଚୟ କରିନାହିଁ । ଚାରି ଦିନ ହେଲା ତା'ର ପିଲାମାନେ କିଛି ଖାଇନାହାନ୍ତି ।
ଗୌତମ ରାତି ସାରା ଶୋଇ ପାରିଲେ ନାହିଁ । ରାତି ପାହିବା ମାତ୍ରକେ -
ମୁଁ ଯାଉଛି, ମୋ ସଞ୍ଚିତ ଟଙ୍କାରୁ ଚାଉଳ ଓ ଡାଲି କିଣି ବାବୁ ପାଖକୁ ନେଇ ଯିବି ।
ପରେ -
ହେଇ ତ, ବାବୁ । ଏସବୁକୁ ନେଇ ଯାଅ ଏବଂ ଆର ସପ୍ତାହରେ ମୁଁ ଆଉ ଅଧିକ ଖାଦ୍ୟ ସାମଗ୍ରୀ ଆଣିଦେବି ।
କେମିତି ଯେ ମୁଁ ତୁମକୁ ଧନ୍ୟବାଦ ଦେବି !
ଗୌତମ ଖୁସିରେ ଘରକୁ ଫେରିଲେ କିନ୍ତୁ ଖାଦ୍ୟ କିଣି ପାରୁ ନଥିବା ଅନ୍ୟାନ୍ୟ ପରିବାର କଥା ଭାବିବାରେ ଲାଗିଲେ ।
ସେ ତୁରନ୍ତ ଆଉ ଅଧିକ ଚାଉଳ ଓ ଡାଲି କିଣିଲେ ଏବଂ ଯେଉଁମାନଙ୍କ ପାଖରେ ଯଥେଷ୍ଟ ଖାଦ୍ୟ ନଥିଲା, ସେମାନଙ୍କୁ ବାଣ୍ଟିବା ପାଇଁ ପ୍ୟାକେଟ୍ କରିଲେ ।
ଆଖପାଖ ଅଞ୍ଚଳର ସବୁ ପରିବାରକୁ ଦେବା ଲାଗି ଏତକ ପର୍ଯ୍ୟାପ୍ତ ହେବା କଥା...
ବିଶ୍ୱ ମହାମାରୀ ସମୟରେ 160ରୁ ଅଧିକ ପରିବାରକୁ ଖାଦ୍ୟ ଦେବା ପାଇଁ ଗୌତମ ନିଜ ସଞ୍ଚୟରୁ 8,000 ଟଙ୍କା ଖର୍ଚ୍ଚ କଲେ।
ତାଙ୍କର ଏହି ନିଃସ୍ୱାର୍ଥପର ଉଦ୍ୟମ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବ ଗୌତମଙ୍କୁ ସମ୍ବର୍ଦ୍ଧିତ କଲେ ଏବଂ ସବୁ ପ୍ରକାର ସାହାଯ୍ୟ ଓ ସହଯୋଗର ପ୍ରତିଶ୍ରୁତି ଦେଲେ ।
ଏମିତି କି ପ୍ରଧାନମନ୍ତ୍ରୀ ମୋଦିଙ୍କ 'ମନ୍ କୀ ବାତ୍'ରେ ଗୌତମ ପ୍ରଶଂସିତ ହେଲେ ।

# ଅରୁଣ କ୍ରିଷ୍ଣମୂର୍ତ୍ତି




ଇ.ଏଫ୍.ଆଇ.ର ଅଂଶ ରୂପେ ଅରୁଣ ଏବଂ ତାଙ୍କ ସ୍ୱେଚ୍ଛାସେବୀ ଦଳ ପରିବେଶ ପାଇଁ ବିଭିନ୍ନ ଉପାୟରେ କାମ କରନ୍ତି, ଯେମିତି କି ବର୍ଜ୍ୟବସ୍ତୁ ପରିଚାଳନା ...
ଏହି ଗାତଟିକୁ ଖାଦ୍ୟ ସାମଗ୍ରୀର ବର୍ଜ୍ୟବସ୍ତୁ ନଷ୍ଟ କରିବା ପାଇଁ ବ୍ୟବହାର କରିବା ଉଚିତ। କିଛି ସମୟ ପରେ, ଏହା ଆପଣଙ୍କ ଗଛ ପାଇଁ ସାରରେ ପରିଣତ ହେବ ।
... ଜୀବଜନ୍ତୁ ଉଦ୍ଧାର ଏବଂ ପୁନର୍ବାସ...
STREET DOG VACCINATION DRIVE
...ପରିବେଶ ଉପଯୋଗୀ ଏବଂ ଦୀର୍ଘସ୍ଥାୟୀ ପୋଷଣ କ୍ଷମତା ହାସଲ ପାଇଁ ବିଭିନ୍ନ ଗାଁର ସହାୟତା...
ସାର୍, ଏହା ଫଳରେ ଆମମାନଙ୍କ ଘରକୁ ଅଧିକ ପରିଷ୍କାର ପାଣି ଆସିବ କି ?
ହଁ, ଏହି ପାଇପଗୁଡ଼ିକ ବର୍ଷାଜଳ ସଂଗ୍ରହ କରି ତାହାକୁ ଘରକାମରେ ବ୍ୟବହାର କରିବା ଦିଗରେ ତୁମକୁ ସାହାଯ୍ୟ କରିବ ।
...ଏବଂ ଜଳାଶୟ ସଫା କରିବା ଏବଂ ସୁରକ୍ଷିତ ରଖିବା।
ହ୍ରଦକୁ ସଫା କରିବା ପରେ ଆମେ ଏହା ଚାରିପଟେ ଏକ ବାଡ଼ ଦେଇ ଦେଉଛୁ ଯାହା ଫଳରେ ଲୋକେ ଆଉ ଏହା ଭିତରକୁ ଆବର୍ଜନା ଫିଙ୍ଗି ପାରିବେ ନାହିଁ ।
ଅରୁଣଙ୍କ ସଂଗଠନ 15ରୁ ଅଧିକ ରାଜ୍ୟରେ କାମ କରିଛି ଏବଂ ସବୁ ଭାରତୀୟ ରାଜ୍ୟରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛି ।


'ସାଇକ୍ଲେକସ' ଏବଂ 'ଲେକ୍ ସବାରୀ' ଭଳି ପ୍ରକଳ୍ପ ଜରିଆରେ ସଚେତନତା ସୃଷ୍ଟି ଦିଗରେ ମଧ୍ୟଇ.ଏଫ୍.ଆଇ. କାର୍ଯ୍ୟରତ ।
'ସାଇକ୍ଲେକସ' ପ୍ରକଳ୍ପର ଅଂଶ ଭାବରେ ସାଇକେଲରେ ଯାଇ ଆପଣଙ୍କ ନିକଟବର୍ତ୍ତୀ ହ୍ରଦକୁ ବୁଲି ଦେଖିବା ଲାଗି ଆମେ ଆପଣଙ୍କୁ ଉତ୍ସାହିତ କରୁ ।
ସେଠାରେ ରହିଥିବା ଆମର ସ୍ଥାନୀୟ ଗାଇଡ୍ ଆପଣଙ୍କୁ ଏକ ପରିବେଶଭିତ୍ତିକ ପରିଦର୍ଶନ ପାଇଁ ନେଇଯିବେ ।


ଅରୁଣ ମଧ୍ୟ ଜଳାଶୟ ଏବଂ ସେଗୁଡ଼ିକର ସଂରକ୍ଷଣ ଆବଶ୍ୟକତା ଉପରେ ବହୁସଂଖ୍ୟକ ବୃତ୍ତଚିତ୍ର ନିର୍ମାଣ କରିଛନ୍ତି ।
ଚେନ୍ନାଇର କିଲକାଟ୍ଟାଲାଇ ହ୍ରଦର ପୁନରୁଦ୍ଧାର ପାଇଁ 2012ରେ, ଅରୁଣ 'ରୋଲେକ୍ସ ଆୱାର୍ଡ ଫର ଏଣ୍ଟରପ୍ରାଇଜ୍'ର ସର୍ବକନିଷ୍ଠ ବିଜେତା ହେଲେ । 2022ରେ ଟାଇମ୍ ପତ୍ରିକା ପକ୍ଷରୁ ତାଙ୍କୁ 'ନେକ୍ସଟ ଜେନେରେସନ ଲିଡର'ଉପାଧିରେ ସମ୍ମାନିତ କରାଯାଇଥିଲା।


2022ରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ତାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ ।
ଶତାବ୍ଦୀ ଶତାବ୍ଦୀ ଧରି ଜଳଉତ୍ସ ସମୂହର ସୁରକ୍ଷା ସମାଜ ଚରିତ୍ରର ଏକ ଅଂଶ ରୂପେ ରହିଆସିଛି ।
ଅରୁଣ କ୍ରିଷ୍ଣମୂର୍ତ୍ତି 150ରୁ ଅଧିକ ପୋଖରୀ ଓ ହ୍ରଦର ସଫେଇ ଦାୟିତ୍ୱ ନିଜ ହାତକୁ ନେଲେ ଏବଂ ଏହି କାର୍ଯ୍ୟକୁ ସଫଳତାର ସହ ସଂପନ୍ନ କଲେ ।

# ପୂର୍ଣ୍ଣ ମାଲବତ




*ଜନଜାତି
^ ତେଲଙ୍ଗାନାରେ ଏକ ଗାଁ

**ତେଲଙ୍ଗାନା ସୋସିଆଲ ୱେଲଫେୟାର ରେସିଡେନସିଆଲ ଏଜୁକେସନାଲ ଇନଷ୍ଟିଚ୍ୟୁସନସ ସୋସାଇଟି
^^ ତେଲଙ୍ଗାନାରେ ଏକ ସହର


ପୂର୍ଣ୍ଣଙ୍କ କୋଚ୍ ଶେଖର ବାବୁ ବାଚିନପାଲ୍ଲୀ ଜଣେ ଦକ୍ଷ ପର୍ବତାରୋହୀ ଏବଂ ସେ 2007ରେ ଏଭରେଷ୍ଟ ଆରୋହଣ କରିଥିଲେ ।
ପୂର୍ଣ୍ଣ ଜଣେ ସଂପୂର୍ଣ୍ଣ ସ୍ୱାଭାବିକ ପର୍ବତାରୋହୀ ଭଳି ଚଢ଼ନ୍ତି !
ଦିନେ ଜଣେ ଅବସରପ୍ରାପ୍ତ ଆଇପିଏସ୍* ଅଫିସର ତଥା'ଟିଏସଡବ୍ଲୁଆରଇଆଇଏସ'ର ତତ୍କାଳୀନସଚିବ ଡକ୍ଟର ଆର୍.ଏସ୍. ପ୍ରବୀଣ କୁମାର ଏକ ଅଭିଯାନରେ ଆସି ସେହି ସ୍କୁଲରେ ପହଞ୍ଚିଲେ ।
ସ୍କୁଲ ଛାଡ଼ି ଯାଉଥିବା ଛାତ୍ରୀଙ୍କ ସଂଖ୍ୟା ଚିନ୍ତାଜନକ ଏବଂ ଏହାକୁ କମ୍ କରିବା ଆବଶ୍ୟକ ।
ପାଠ୍ୟକ୍ରମ ଅତିରିକ୍ତ କାର୍ଯ୍ୟକଳାପ ଜରିଆରେ ମୁଁ ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ଚାହେଁ ।
ସେତେବେଳେ ପୂର୍ଣ୍ଣ କଳ୍ପନା କରି ନଥିଲେ ଯେ, ସବୁଦିନ ପାଇଁ ତାଙ୍କ ଜୀବନ ବଦଳିବାକୁ ଯାଉଛି ।
ଯେତେବେଳେ ଡକ୍ଟର କୁମାର ଭୋଙ୍ଗିରରେ ପାହାଡ଼ ଚଢ଼ିବା କାର୍ଯ୍ୟକ୍ରମ ଦେଖିଲେ -
କୌଣସି ଦଉଡ଼ି ନ ଧରି ସେହି ପିଲାଟି 1.000 ଫୁଟରୁ ଅଧିକ ଚଢ଼ିଗଲାଣି ! ସେହି ଝିଅଟି କିଏ?
ସେ ହେଉଛି ସାର୍, ପୂର୍ଣ୍ଣ ମାଲବତ ।
ତା'ର ଏହି ପ୍ରତିଭାରେ ପ୍ରଭାବିତ ଡକ୍ଟର ଆର.ଏସ୍. ପ୍ରବୀଣ କୁମାର ତୁରନ୍ତ ପୂର୍ଣ୍ଣକୁ ଦାର୍ଜିଲିଂରେ ଉଚ୍ଚ ସ୍ଥାନ ପର୍ବତାରୋହଣ ଶିଖିବାକୁ ବାଛିଲେ ...
... ଏବଂ ତା ପରେ ଲଦାଖରେ ବରଫ ପର୍ବତାରୋହଣ ପାଇଁ ମଧ୍ୟ ବାଛିଲେ। ସେଠାରେ ସେ ଶୂନ ଡିଗ୍ରୀରୁ କମ୍ ତାପମାନରେ.ଏପରି କି -35 ଡିଗ୍ରୀ ସେଲସିୟସରେ କିଭଳି ଜୀବନଧାରଣ କରିବାକୁ ହେବ ତାହା ଶିଖିଲେ ।
ଆଠ ମାସର କଠିନ ତାଲିମ ପରେ ପୂର୍ଣ୍ଣ ଏଭରେଷ୍ଟ ପର୍ବତ ଶୃଙ୍ଗ ଆରୋହଣ ପାଇଁ ପ୍ରସ୍ତୁତ ହେଲେ ।
2014, ମେ ମାସ 29 ତାରିଖରେ, 13 ବର୍ଷୀୟା ପୂର୍ଣ୍ଣ 29,035 ଫୁଟ ଉଚ୍ଚତା ବିଶିଷ୍ଟ,ଏଭରେଷ୍ଟ ଶୃଙ୍ଗ ଆରୋହଣରେ ସର୍ବକନିଷ୍ଠ ବାଳିକା ହେବାର ଗୌରବ ଅର୍ଜନ କଲେ ।
ଏଭରେଷ୍ଟ ଶିଖରରେ ପହଞ୍ଚି ସେ ଗର୍ବର ସହିତ ଭାରତୀୟ ତ୍ରିରଙ୍ଗା, ତେଲଙ୍ଗାନାର ପତାକା ଏବଂ ତାଙ୍କ ସ୍କୁଲର ପତାକା ଉଡ଼ାଇଲେ ।

*ଭାରତୀୟ ପୋଲିସ ସେବା


ପୂର୍ଣ୍ଣ ସମଗ୍ର ପୃଥିବୀରେ ବିଭିନ୍ନ ଶୃଙ୍ଗ ଆରୋହଣ କରିବାରେ ଲାଗିଲେ।
2016ରେ କିଲିମାଞ୍ଜାରୋ ପର୍ବତ..
2017ରେ ଏଲବ୍ରସ୍ ପର୍ବତ...
2019ରେ ଆକୋନାଗୁଆ ପର୍ବତ...
2019ରେ କାରଷ୍ଟେଞ୍ଜ୍ ପିରାମିଡ...
2019ରେ ଭିନସନ୍ ମାସିଫ୍...
ଏବଂ ଶେଷରେ, 2022ରେ ଦେନାଲି ପର୍ବତ, ଏହିଭଳି ସେ 'ସେଭେନ ସମ୍ମିଟସ୍ ଚ୍ୟାଲେଞ୍ଜ'ସଂପୂର୍ଣ୍ଣ କରିଲେ ।
ସମାନ୍ତରାଳ ଭାବେ 'ଟିଏସଡବ୍ଲୁଆରଇଆଇଏସ୍'ରୁ କଳାରେ ସ୍ନାତକ ଡିଗ୍ରୀ ପାଇଁ ପୂର୍ଣ୍ଣ ପାଠପଢୁଥିଲେ...
... ଏବଂ ତା'ପରେ ସେ ମିନେସୋଟା ଷ୍ଟେଟ୍ ୟୁନିଭର୍ସିଟିର 'ଗ୍ଲୋବାଲ ଅଣ୍ଡରଗ୍ରାଜୁଏଟ୍ ଏକ୍ସଚେଞ୍ଜ ପ୍ରୋଗ୍ରାମ'ର ଅଂଶ ଭାବରେ ସେଠାକୁ ଗଲେ ।
ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅନ୍ୟ ବହୁ ବିଶିଷ୍ଟ ବ୍ୟକ୍ତି ପୂର୍ଣ୍ଣଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଅନ୍ୟାନ୍ୟ ସମ୍ମାନ ସହିତ ସେ 25 ଲକ୍ଷ ଟଙ୍କା, ଗୋଟିଏ ଘର ଏବଂ 5 ଏକରର ଏକ ଜାଗା ପାଇଛନ୍ତି ।
ତାଙ୍କର ଉତ୍ସର୍ଗୀକୃତ ମନୋଭାବ ଏବଂ କଠିନ ପରିଶ୍ରମ ଯୋଗୁଁ ସେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଏକ ଉତ୍ସ ହୋଇ ପାରିଛନ୍ତି ।
ମହିଳାମାନେ ଯେ କୌଣସି ଲକ୍ଷ୍ୟ ରଖିଲେ ବି ତାହାକୁ ହାସଲ କରିପାରନ୍ତି ବୋଲି ପ୍ରମାଣିତ କରିବା ଲାଗି ମୁଁ ଏଭରେଷ୍ଟ ଚଢ଼ିଲି ।
ଯେଉଁ ସରକାରୀ ସ୍କୁଲରେ ପୂର୍ଣ୍ଣ ପଢୁଥିଲେ, ଏବେ ସେଠାରେ ହିଁ ସବୁଠାରୁ ବଡ଼ ପରିବର୍ତ୍ତନ ଘଟିଛି । ଦିନେ ଯେଉଁଠି ଶ୍ରେଣୀକକ୍ଷ ଖାଲି ପଡୁଥିଲା, ଆଜି ସେଠାରେ ନାମଲେଖା ପାଇଁ ପ୍ରତୀକ୍ଷାକାରୀଙ୍କ ତାଲିକା ପ୍ରକାଶ ପାଉଛି – ଏ ସଫଳତା ବି ସବୁଠାରୁ ଉଚ୍ଚ ପର୍ବତ ଆରୋହଣ ସଦୃଶ ।

# ବିକ୍ରମଜିତ ଚକମା




*ବର କୋଳି
^ ତ୍ରିପୁରାର ପେଚାରଥାଲରେ ଏକ ଗାଁ

** ଚକମା ଭାଷାରେ କକା




ସେ ମଧ୍ୟ ଭିନ୍ନ ଭିନ୍ନ ଫସଲରେ, ନୂତନ କୌଶଳ ପ୍ରୟୋଗ କରନ୍ତି ଏବଂ ପ୍ରେରଣା ଦେଇ ଚାଳନ୍ତି ।

# ମନୋଜ ବେଞ୍ଜୱାଲ




*ଜେଜେମାଆ




*ହିମାଳୟ ପାର୍ବତ୍ୟାଞ୍ଚଳର ତୃଣଭୂମି


ମନୋଜ ତାଙ୍କ କଥା ରଖିଛନ୍ତି । 2019ରେ ସେ ଉତ୍ତରାଖଣ୍ଡର ସେୱା ଇଣ୍ଟରନ୍ୟାସନାଲ ଏବଂ ସେମାନଙ୍କର 'ପରୱାହ' ଶୀର୍ଷକ କାର୍ଯ୍ୟକ୍ରମରେ ଯୋଗ ଦେଲେ ।
sewa International
sewa
'ପରୱାହ'ରେ ଆମେ ବିଭିନ୍ନ ପାହାଡ଼କୁ ସଫା ରଖିବା ଏବଂ ସମସ୍ତ ପବିତ୍ର ସ୍ଥଳକୁ ସଂରକ୍ଷିତ ରଖିବା ଦିଗରେ କାମ କରୁ । ସବୁ ଝରଣା ପ୍ଲାଷ୍ଟିକ୍ ମୁକ୍ତ ହୁଅନ୍ତୁ ବୋଲି ଆମେ ଚାହୁଁ । ପଶୁପକ୍ଷୀମାନେ ଏ ଅଞ୍ଚଳକୁ ପୁଣି ଫେରି ଆସିବେ ବୋଲିଚିନ୍ତା କରିଆମେ ଗଛ ଲଗାଉଛୁ ।
ମନୋଜଙ୍କ କାମରେ ପ୍ରଭାବିତ ହୋଇ, ରୁଦ୍ରପ୍ରୟାଗର ଜିଲ୍ଲା ମାଜିଷ୍ଟ୍ରେଟ୍ ମୟୂର ଦୀକ୍ଷିତ ତାଙ୍କ ସହିତ ଏକ ବୈଠକ କଲେ ।
ଆପଣ ଓ ଆପଣଙ୍କ ଟିମ୍ କେଉଁ କେଉଁ ଅଞ୍ଚଳରେ କାମ କରୁଛନ୍ତି ?
ସାର୍, ଆମେ ଅନେକ ଗାଁରେ ସଫେଇ କାର୍ଯ୍ୟକ୍ରମର ଆୟୋଜନ କରୁଛୁ । ଆମେ ଚାହୁଁ ଯେ ଆମ ଅଞ୍ଚଳର ସବୁ ଲୋକ ପରିଷ୍କାର ପିଇବା ପାଣି ପାଇପାରନ୍ତୁ ।
ପ୍ରଶାସନ ଆପଣଙ୍କୁ କେମିତି ସାହାଯ୍ୟ କରିପାରିବ ?
ଯଦି ସ୍ଥାନୀୟ ପଞ୍ଚାୟତ ଓ ପୌର ସଂସ୍ଥା ଆମକୁ ସମର୍ଥନ କରନ୍ତି, ତେବେ ଆମ ପାଇଁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହଜ ହେବ । କେଦାରନାଥ ରାସ୍ତାକୁ ଆବର୍ଜନାମୁକ୍ତ କରି ରଖିବା ଲାଗି ମୋ ପାଖରେ ବହୁତ ଯୋଜନା ଅଛି ।
ଆପଣଙ୍କୁ ଆମର ସହାୟତା ମିଳିବ ।
ପ୍ରଶାସନର ସହଯୋଗ ଏବଂ 'ମନ୍ କୀ ବାତ୍'ରେ ପ୍ରଧାନ ମନ୍ତ୍ରୀଙ୍କ ପ୍ରେରଣା ବଳରେ ମନୋଜ ବେଞ୍ଜୱାଲ ତାଙ୍କ ସ୍ୱପ୍ନକୁ ସାକାର କରିବା ଆଶା ରଖିପାରିବେ ।



MANN KI BAAT 100

# ମନ୍ କୀ ବାତ

## ଭାଗ 5

ରୋହନ କାଲେ କୌଣସି କାମରେ ଗୁଜରାଟ ଯାଇଥିବାବେଳେ ସେଠାକାର ଅନେକ ପ୍ରସିଦ୍ଧ ସୋପାନକୂପ ବୁଲି ଦେଖିଲେ । ସେଗୁଡ଼ିକର ରକ୍ଷଣାବେକ୍ଷଣ ଦେଖି ସେ ପ୍ରଭାବିତ ହେଲେ ଏବଂ ମହାରାଷ୍ଟ୍ରର ବିଭିନ୍ନ ସୋପାନକୂପ ନିମନ୍ତେ ଏକ ସଫେଇ ଅଭିଯାନ ଆରମ୍ଭ କରିବାକୁ ସ୍ଥିର କଲେ । ବହୁ ପୂର୍ବରୁ, ଏହି ସବୁ ସୋପାନକୂପ ପର୍ଯ୍ୟଟକଙ୍କ ଗସ୍ତସୂଚୀରେ ସ୍ଥାନ ପାଇଥିଲା ଏବଂ ପୁରୁଣା ଦିନ ଭଳି, ସେଗୁଡ଼ିକର ସୋପାନରେ ଉତ୍ସବ ପାଳନ ଆରମ୍ଭ ହୋଇଗଲା ।

'ମନ୍ କୀ ବାତ୍', ଭାଗ-5ରେ, ନାୟାର ସାର୍,ସେମାନଙ୍କ ପରିବେଶ, ଦେଶ ଓ ପୃଥିବୀକୁ ଆହୁରି ସରସ ସୁନ୍ଦର କରିବା ଦିଗରେ କଠିନ ପରିଶ୍ରମ କରିଥିବା ବାସ୍ତବ ଜୀବନର ନାୟକମାନଙ୍କ ସଂପର୍କରେ କାହାଣୀ ଶୁଣାଇବା ଅବ୍ୟାହତ ରଖନ୍ତି। ଅସୀମ ଧୈର୍ଯ୍ୟ, ସାହସ ଏବଂ ଅଧ୍ୟବସାୟ ସଂପର୍କିତ କାହାଣୀ, ଯାହା ଅନ୍ୟମାନଙ୍କୁ ଆଗେଇ ଆସି କିଛି ସାର୍ଥକ କାର୍ଯ୍ୟ କରିବାକୁ ଉତ୍ସାହିତ ଏବଂ ଅନୁପ୍ରାଣିତ କରେ ।



₹99

www.amarchitrakatha.com
ISBN 978-81-19596-98-0
9 788119 596980